ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧ ନଭେମ୍ବର, ୨୦୨୦



**ଆଇପିଏଲ୍ ବେଟିଂ, ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି**

ସମ୍ବଲପୁର, (ବ୍ୟୁରୋ): ଚଳିତ ବର୍ଷ ଆଇପିଏଲ-୨୦୨୦ ମ୍ୟାଚ ଗୁଡିକ ଦୁବାଇଠାରେ ଚାଲିଛି । ତଥାପି ସମ୍ବଲପୁର ସହରରେ ଆଇପିଏଲ ବେଟିଂ ଆରମ୍ଭ ହୋଇଛି । ଗୋଟିଏ ଦିନରେ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବେଟିଂରେ ଲାଗୁଛି। ତେଣୁ ସମ୍ବଲପୁର ପୋଲିସ ଚଢ଼ାଉ କରି ସଂଶ୍ଲିଷ୍ଟ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଶନିବାର ଓଡିଶା କ୍ରିକେଟ ଆସୋସିଏଶନ୍ ମାନ୍ୟତା ପ୍ରାପ୍ତ କ୍ରିକେଟ ଅମ୍ପାୟାର ମହମ୍ମଦ ଇସାକ୍ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ।

## ସଂକ୍ଷେପରେ

### ପାୱାର ଚ୍ୟାନେଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା, ୩୧।୧୦ (ଡି.ଏନ୍.ଏ.):** ଶୁକ୍ରବାର ଇନ୍ଦ୍ରାବତୀ ପାୱାର ଚ୍ୟାନେଲ ଧନସୁଲି ନିକଟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଜୟପାଟଣା ଥାନା ଧନସୁଲି ପଞ୍ଚାୟତ ଛତାବାନ୍ଧୁଗୁଡା ଗ୍ରାମର ସୁକୁମଣି ଜାନି (୩୭) ଗତ କିଛିଦିନ ହେବ ସେ ନିଖୋଜ ଥିଲେ । ଏ ସମ୍ପର୍କରେ ସ୍ୱାମୀ ଗୁରୁଦ୍ର ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ମୃତଦେହ ଭାସୁଥିବା ଦେଖି ପୋଲିସକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ । ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୟପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ୧୧ ଦିନ ହେଲା ଫରେଷ୍ଟ ଗାର୍ଡ ନିଖୋଜ

#### ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ

**ଭବାନୀପାଟଣା, ୩୧।୧୦ (ଡି.ଏନ.ଏ.):** ଫରେଷ୍ଟ ଗାର୍ଡ ସୁହାଗ ରଞ୍ଜନ ପଣ୍ଡା ନିଖୋଜ ହେବାର ୧୧ ଦିନ ବିତିଛି । ଏନେଇ ବନ ବିଭାଗ ଓ ପୋଲିସ ପକ୍ଷରୁ ତନାଘନା ଚାଲିଛି। ଶନିବାର ଏସପି ବାତୁଲା ଗଙ୍ଗାଧରଙ୍କୁ ସାକ୍ଷାତ କରିଛନ୍ତି ସୁହାଗଙ୍କ ପରିବାରବର୍ଗ। ଗଙ୍ଗାଧର ନିଜେ ଘଟଣାର ତଦାରଖ କରୁଛନ୍ତି । ବନ ବିଭାଗ ଓ ପୋଲିସ ପକ୍ଷରୁ ଏଥିପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି । ବନପାଳଙ୍କ ସୂଚନା ଅନୁସାରେ, ଗତ ୨୧ ତାରିଖରେ ବିଶ୍ୱନାଥପୁର ରେଞ୍ଜ ଅଫିସ ମିଟିଂକୁ ଯିବା ପାଇଁ ସକାଳ ୧୦ଟା ପୂର୍ବରୁ ସେ ସୁହାଗଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ । ମୁଁ ଅଧଘଣ୍ଟା ମଧ୍ୟରେ ପହଞ୍ଚିବି ବୋଲି କହିଥିଲେ । ଏହା ପରଠୁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିଲା । ସେଦିନଠାରୁ ତାଙ୍କର ପତ୍ତା ମିଳୁନି ।

### ରେଷ୍ଟ ହାଉସ ଭଙ୍ଗାରୁଜା ଘଟଣା: ଜଣେ ଗିରଫ

**ସମ୍ବଲପୁର, ୩୧।୧୦ (ବ୍ୟୁରୋ):** ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ କୋଲଗାଁ ଐତିହାସିକ ରେଷ୍ଟ ହାଉସ ଓ କର୍ମଚାରୀ କ୍ୱାଟର୍ସ ଭଙ୍ଗାରୁଜା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଶନିବାର କୋଲଗାଁର ରାକେଶ ପ୍ରଧାନ (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ଚଢ଼ାଉ ଜାରି ରଖିଛି । ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଶିକାରୀ ଓ ଦୃବୃର୍ତ୍ତମାନେ ରେଷ୍ଟ ହାଉସ ଓ ଷ୍ଟାଫ୍ କ୍ୱାଟର୍ସକୁ ଭଙ୍ଗାରୁଜା କରିଥିଲେ। ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାକୁ ଯାଇ ବନ ବିଭାଗ ପକ୍ଷରୁ କେତେକ ଖୋଳା ଯାଇଥିବା ଟ୍ରେଞ୍ଚ (ଗାତ)କୁ ପୋତି ଦିଆଯାଇଥିଲା । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ରେଷ୍ଟ ହାଉସ ପରିସରରେ ଥିବା ୧୦ରୁ ୧୨ଟି ମୂଲ୍ୟବାନ ଗଛ ଦୁର୍ବୃତ୍ତମାନେ କାଟି ଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ଫରେଷ୍ଟର ବିଶ୍ୱଜିତ୍ ରାଉତ ଅଭିଯୋଗ କରିଥିଲେ। ପୋଲିସ ଯୁଯୁମୁରା ଥାନାରେ ଏ ନେଇ ଏକ ମାମଲା(ନଂ.୧୪୫/୨୦)ରୁଜୁ କରିଥିଲା। ପୋଲିସର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରିଛନ୍ତି । ହେଲେ ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ ଯଥାଶୀଘ୍ର ଗିରଫ କରାଯାଉ ବୋଲି ପରିବେଶବିତ୍‌ମାନେ ଦାବି କରିଛନ୍ତି ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

**ସମ୍ବଲପୁର, ୩୧।୧୦ (ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଶନିବାର ସମ୍ବଲପୁର ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ନେତା ଓ କର୍ମୀମାନେ ଇନ୍ଦିରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଜିଲା ସଭାପତି ଅଶ୍ୱିନୀ ଗୁରୁ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପୂର୍ବତନ ସଭାପତି ସୁରେଶ୍ୱର ମିଶ୍ର, ନିରଞ୍ଜନ ତ୍ରିପାଠୀ, ପ୍ରେମ ପ୍ରକାଶ ସାହାଣୀ, ରାଜକିଶୋର ପ୍ରଧାନ, ଆଶୁତୋଷ ସ୍ୱାଇଁ, ସୁତାପା ମିତ୍ର, ତ୍ରିଲୋଚନ ପୁରୋହିତ, ବିଜୟଲକ୍ଷ୍ମୀ ବେହେରା, ଆନନ୍ଦ ମିଶ୍ର, ଦୀନବନ୍ଧୁ ପରିଡା ପ୍ରମୁଖ ସାମିଲ ଥିଲେ। ସେହିପରି ବୁର୍ଲା ନଗର କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରା ଗାନ୍ଧୀ ଛକଠାରେ ଥିବା ପ୍ରତିମୂର୍ତ୍ତିଠାରେ ମାଲ୍ୟାର୍ପଣ କରାଯାଇଥିଲା । ନଗର କଂଗ୍ରେସ କମିଟି ସଭାପତି ଶିବ ପ୍ରଧାନ, ଅମିତ ଗୁପ୍ତ, ଧର୍ମରାଜ ସିଂ, ରାହୁଲ ଶର୍ମା, ଲାଲୁ ଗୌଡ, ଚୁଡୁ ସୁନା, ଈଶ୍ୱର ପ୍ରଧାନ, ଭଗବାନ ସୁନା ପ୍ରମୁଖ ସାମିଲ ଥିଲେ ।

# ମଣ୍ଡି ଖୋଲିଲାନି, ଅଭାବୀ ବିକ୍ରି

- ଧାନ ଅମଳ ଆରମ୍ଭରୁ ବେପାରୀ ସକ୍ରିୟ
- ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଏସ୍‌ଏଚ୍‌ଜି ମହିଳା

**ବରଗଡ଼ ଅଫିସ୍,୩୧।୧୦**



ମଣ୍ଡି ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ଏସ୍‌ଏଚ୍‌ଜି ମହିଳାମାନେ ।

ବରଗଡ଼ ଜିଲାରେ ଖରିଫ୍ ଧାନ ଅମଳ ପ୍ରକ୍ରିୟା ଜୋର୍ ଧରିଛି। ଜିଲାର ପଦ୍ମପୁର ଉପଖଣ୍ଡ ସମେତ ହୀରାକୁଦ ଜଳସେଚିତ ଅତାବିରା ଓ ଭେଡ଼େନ ବ୍ଲକରେ ଚାଷୀମାନେ ଧାନ ଅମଳରେ ଲାଗି ପଡ଼ିଛନ୍ତି। ତେବେ ଏପର୍ଯ୍ୟନ୍ତ ମଣ୍ଡି ଖୋଲି ନ ଥିବା ଯୋଗୁ ଅମଳ ଧାନ ବିକ୍ରି ପାଇଁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ବେପାରୀମାନେ ଅଣ୍ଡରରେଟ୍‌ରେ ଧାନ କିଣିବା ପାଇଁ ସକ୍ରିୟ ହୋଇ ପଡ଼ିଛନ୍ତି। ସରକାରୀ ଧାର୍ଯ୍ୟ ଦରଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ଧାନକିଣା ଯାଉଥିବା ଅଭିଯୋଗ ହୋଇଛି। ଫଳରେ ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ତୁରନ୍ତ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ଜିଲାର ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ କୁମୀର ଗ୍ରାମର ମାଁ ଭଗବତୀ ଏସ୍‌ଏଚ୍‌ଜିର ମହିଳାମାନେ କୁମୀର ଗ୍ରାମରେ ଏକ ଧାନମଣ୍ଡି ଖୋଲିବା ଦାବିରେ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଛନ୍ତି ।

ବରଗଡ଼ ଜିଲାରେ ନଭେମ୍ବର ୯ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ସେହି ଦିନଠାରୁ ଜିଲାର ସମସ୍ତ ମଣ୍ଡି ଖୋଲିବ। ତେବେ ମଣ୍ଡି ଖୋଲିବାର ଯଥେଷ୍ଟ ପୂର୍ବରୁ ଧାନ ଅମଳ ହୋଇ ସାରିଥିବାରୁ ଚାଷୀଙ୍କୁ ଧାନ ବିକ୍ରି ପାଇଁ ହଇରାଣ ହେବାକୁ ପଡୁଛି। ପଦ୍ମପୁର ଉପଖଣ୍ଡର ଚାଷୀମାନେ ସାଧାରଣତଃ ସ୍ୱଳ୍ପମିଆଦୀ କିସମର ଧାନ କରୁଥିବା ଯୋଗୁ ପ୍ରାୟ ୨ସପ୍ତାହ ହେଲା ଅଞ୍ଚଳର ବିଭିନ୍ନ ସ୍ଥାନରେ ଧାନ ଅମଳ ହୋଇ ସାରିଲାଣି । କିନ୍ତୁ ମଣ୍ଡି ଖୋଲି ନ ଥିବାରୁ ଗ୍ରାମ ଗୁଡ଼ିକରେ ବେପାରୀମାନେ ଅଣ୍ଡରରେଟ୍‌ରେ ଧାନ କିଣିବା ଆରମ୍ଭ କରି ଦେଇଛନ୍ତି ।

ସରକାରୀ ଧାର୍ଯ୍ୟ ଅନୁଯାୟୀ, ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଏବଂ ଗ୍ରେଡ୍‌-ଏ ଧାନ କୁଇଣ୍ଟାଲ ପ୍ରତି ୧୮୮୮ ଟଙ୍କା ରହିଛି। ମାତ୍ର ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ବେପାରୀଙ୍କୁ କୁଇଣ୍ଟାଲ ପ୍ରତି ୧୨୦୦ରୁ ୧୩୦୦ ଟଙ୍କା ମଧ୍ୟରେ ଧାନ ବିକ୍ରି କରୁଛନ୍ତି। ଝାରବନ୍ଧ ବ୍ଲକ କୁମୀର ଅଞ୍ଚଳରେ ଏଭଳି ଅଭାବୀ ବିକ୍ରି ଆରମ୍ଭ ହୋଇଥିବା ସେ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ କୁମୀର ଗ୍ରାମରୁ ବହୁ ଦୂର ତଥା ଛତିଶଗଡ଼ ସୀମାନ୍ତ ଲଉଡ଼ିଦର୍ହାରେ ମଣ୍ଡି ଥିବା ଯୋଗୁ ସେଠାକୁ ଯାଇ ଧାନ ବିକ୍ରି କରିବା କଷ୍ଟକର ହେଉଛି ଏବଂ ସରକାରୀ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିବା କୁମୀର ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, କୁମୀର ଗ୍ରାମଠାରୁ ପ୍ରାୟ ୧୭କି.ମି ଦୂରରେ ମଣ୍ଡି ଖୋଲାଯାଏ । ଫଳରେ ସେଠାକୁ ଧାନ ବିକ୍ରି ପାଇଁ ଯିବା ସମ୍ଭବପର ହୋଇ ନ ଥାଏ। ଅନୁରୂପ ଭାବେ ୨୫କି.ମି ଦୂର ଟାଁପର ଗ୍ରାମରେ ସେଭଳି ଏକ ମଣ୍ଡି ରହିଛି ଏବଂ ସେଠାକୁ ଯିବାରେ ମଧ୍ୟ ଅନୁରୂପ ସମସ୍ୟା ଉପୁଜିଥାଏ । ଫଳରେ କୁମୀର ଗ୍ରାମରେ ଏକ ଧାନମଣ୍ଡି ଖୋଲିବା ପାଇଁ ଗ୍ରାମର ମାଁ ଭଗବତୀ ଏସ୍‌ଏଚ୍‌ଜିର ମହିଳାମାନେ ଦାବି କରିଛନ୍ତି । ଏପରିକି ସେମାନଙ୍କୁ ଧାନକ୍ରୟ ଅନୁମତି ଦେବାକୁ ମଧ୍ୟ ସେମାନେ ନିବେଦନ କରିଛନ୍ତି। ଏ ନେଇ ସେମାନେ ଗତ ଚାରିମାସ ହେଲା ବରଗଡ଼ ଜିଲାପାଳ ଅଫିସକୁ ଧାଁଧପଡ଼ କରିଛନ୍ତି। ମାତ୍ର କିଛି ସୁଫଳ ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଥିବା ଏସ୍‌ଏଚ୍‌ଜିର ସଭାନେତ୍ରୀ ବିମଳା ସାହୁ, ସମ୍ପାଦିକା ଗୋଟିକା ସାହୁ କହିଛନ୍ତି ।

# ରାଜରାଜେଶ୍ୱରୀ ବେଶରେ ସମଲେଇ

## ସାମାଜିକ ଗଣମାଧ୍ୟମରେ ଦର୍ଶନ କଲେ ଭକ୍ତ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**



ଶନିବାର ଆଶ୍ୱିନ କୁମାର ପୂର୍ଣ୍ଣମୀ ତିଥିରେ ସମ୍ବଲପୁରର ଇଷ୍ଟଦେବୀ ସମଲେଇଙ୍କ ରାଜରାଜେଶ୍ୱରୀ ବେଶ ଓ ନୂତନ ଧ୍ୱଜା ରୋହଣ ନୀତି ଅନୁଷ୍ଠିତ ହୋଇଛି । ଏହି ଅବସରରେ ପାରମ୍ପରିକ ରୀତିନୀତିରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା । ପୂଜକମାନେ ସମଲେଇଙ୍କୁ ପାଟବସ୍ତ୍ର ସମେତ ସୁନା ଓ ରୁପାର ପଦ୍ମମୁଖ, କର୍ଣ୍ଣାଞ୍ଚଳ, ଢ଼ାଲ, କଙ୍କଣ, ବେଲପତ୍ରୀ, ନଥ, ଓଡ଼ିଁ, ଅର୍ଦ୍ଧଚନ୍ଦ୍ର, କିଆପତରି, ଛତ୍ର, ସିଂକଟା, କିରଟୀ, ଲଲାଟପଟ୍ଟ, ଚୂଳରେ ମୁକୁଟ ଆଭୁଷଣ କରିଥିଲେ । ଅପରାହ୍ନ ୪ଟାରେ ଆଳତୀ ନୀତି ହୋଇଥିଲା ।

ଚଳିତ ବର୍ଷ କରୋନା କଟକଣା ଯୋଗୁ ଭକ୍ତମାନେ ଦେବୀଙ୍କ ମନଲୋଭା ରାଜରାଜେଶ୍ୱରୀ ବେଶକୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରି ପାରି ନ ଥିଲେ । ହେଲେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ କମିଟି ପକ୍ଷରୁ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରାଯାଇଥିଲା । ରାତି ସାଢ଼େ ୭ ଟାରେ ସାତଟି ମହାଦୀପ ସାତ ଥର ମନ୍ଦିର ପରିକ୍ରମା କରିବା ପରେ ମନ୍ଦିର ଶୀର୍ଷକୁ ନିଆଯାଇଥିଲା। ଘଣ୍ଟ, ଶଙ୍ଖ ପଞ୍ଚବାଦ୍ୟରେ ମନ୍ଦିର ପରିସର କମ୍ପି ଉଠିଥିଲା । ଦେବୀଙ୍କୁ ପ୍ରଣାମ କରିବା ପରେ ମହେଶ୍ୱର ସ୍ୱାଇଁଙ୍କ ପରିବାର ସଦସ୍ୟ ନୂତନ ପାଟଧ୍ୱଜା ନେଇ ଗମ୍ଭୀରା ଭିତରୁ ମନ୍ଦିର ଶୀର୍ଷକୁ ଯାଇଥିଲେ । ପୂର୍ଣ୍ଣିମା ତିଥିର ଚନ୍ଦ୍ରାଲୋକରେ ମନ୍ଦିର ଅଞ୍ଚଳ ଝଟକୁ ଥିଲା । ପୁରୁଣା ପାଟଧ୍ୱଜାକୁ ଅପସାରଣ କରି ନୂତନ ଧ୍ୱଜା ରୋହଣ କରାଯାଇଥିଲା । ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅକ୍ଷୟ ରାୟ, ଅମିୟ ରାୟ, ବୃନ୍ଦାବନ ରାୟ, ଓକିଲ ରାୟ, ମନୋଜ ରାୟ, ସଗନ ରାୟ ପ୍ରମୁଖ ଧ୍ୱଜା ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ, ସମଲେଶ୍ୱରୀ ଦଶହରା ପୂଜା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ବିଗତ ବର୍ଷରେ ମନ୍ଦିରରୁ ନୂତନ ପାଟ ଧ୍ୱଜାକୁ ଶୀର୍ଷକୁ ନେବା ସମୟରେ ଭକ୍ତମାନେ ଧ୍ୱଜା ସ୍ପର୍ଶ କରିଥାନ୍ତି । କଡକଡି ବାଦ୍ୟ ତାଳେ ତାଳେ ଯୁବକଙ୍କ ନିଆଁ ଖେଳ ସହ ଆତସ ବାଜି ମଧ ହୋଇଥାଏ। କିନ୍ତୁ ଚଳିତ ବର୍ଷ କରୋନା ଯୋଗୁ କୌଣସି କାର୍ଯ୍ୟକ୍ରମ ହୋଇନାହିଁ ।

# କୋଭିଡ୍ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ

## ଚୁକ୍ତି ଭିତ୍ତିକ ଏଏନ୍‌ଏମ୍‌ଙ୍କ ସ୍ଥାୟୀ ନିଯୁକ୍ତି ଦାବି



ଏଏନଏମମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ଚୁକ୍ତିଭିତ୍ତିକ ଏଏନଏମ୍‌ମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଶନିବାର ସମ୍ବଲପୁର କୋଭିଡ୍ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଭୟଙ୍କର କରୋନା ସମୟରେ ରୋଗୀମାନଙ୍କ ସେବା କରିବା ଲାଗି ଚୁକ୍ତି ଭିତ୍ତିକ ଏଏନଏମମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ଗ୍ରାମାଞ୍ଚଳରେ କୋଭିଡ୍ ରୋଗୀଙ୍କ ସେବା କରି ସେମାନେ ପରବର୍ତ୍ତୀ ସମୟରେ କୋଭିଡ୍ ହସ୍ପିଟାଲ ସମ୍ବଲପୁରରେ କାମ କରୁଛନ୍ତି। ନିୟମାନୁସାରେ ଏପ୍ରିଲରୁ ନିଯୁକ୍ତି ପାଇଥିବା ଏଏନଏମମାନଙ୍କ ସମୟସୀମା ଆସନ୍ତା ଡିସେମ୍ବରରେ ଶେଷ ହେବ । କିନ୍ତୁ ସମୟସୀମା ଶେଷ ନ ହେବା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ୬୫ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ୧୦୦ ଜଣ ଏଏନଏମଙ୍କୁ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ ଏଏନଏମମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କରୋନା ମହାମାରୀ ସଂକ୍ରମଣ ସମୟରେ ଜନସାଧାରଣ ଓ ବିଭିନ୍ନ କର୍ମଚାରୀମାନେ ଘରେ କବାଟ ଦେଇ ରହୁଥିଲେ । କିନ୍ତୁ ଏଏନଏମ ମାନେ କରୋନା ରୋଗୀଙ୍କୁ ସେବା କରି କରୋନା ଯୋଦ୍ଧା ଭାବେ କାର୍ଯ୍ୟରେ ନିୟୋଜିତ ଥିଲେ। କରୋନା ଯୋଦ୍ଧାଙ୍କୁ ସ୍ଥାୟୀ ନିଯୁକ୍ତି (ଷ୍ଟାଫ୍ ନର୍ସର ମାନ୍ୟତା)ଦେବା ପରିବର୍ତ୍ତେ ଚୁକ୍ତି ନ ସରିବା ପୂର୍ବରୁ ଛଟେଇ କରାଯାଇଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଘଟଣାସ୍ଥଳକୁ ଟାଉନ ଥାନା ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡା, ୩୧।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ ରାସ୍ତା ଗୁଡ଼ିଆଲି ନିକଟରେ ଶନିବାର ସକାଳ ପ୍ରାୟ ସାଢ଼େ ୫ଟା ବେଳେ ଏକ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗ ଥାନା ଅନ୍ତର୍ଗତ ଖରିଆବାହାଲ ଗ୍ରାମର କ୍ରିଷ୍ଣା ମାଝୀ (୪୨) । ପ୍ରକାଶ ଯେ, ଖରିଆବାହାଲ ଗ୍ରାମର ନିରାଧର ମାଝୀଙ୍କ ପୁଅ କ୍ରିଷ୍ଣା ଶନିବାର ସକାଳ ପ୍ରାୟ ସାଢ଼େ ୫ଟା ବେଳେ ଏକ ବାଇକ୍ (ନଂ.ଓଡି୧୪କ୍ୟୁ/୫୧୩୮) ଯୋଗେ ବାଇପାସ ପଟେ ଯାଉଥିବା ବେଳେ ଗୁଡ଼ିଆଲି ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। କୃଷ୍ଣଙ୍କ ମୁଣ୍ଡ ଉପରେ ଚକା ଚଢ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା।

# ସ୍ୱନିଧି ଯୋଜନା ପାଇଁ କ୍ୟାମ୍ପ ଖୋଲିଲା




ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା କ୍ୟାମ୍ପରେ ଆବେଦନକାରୀଙ୍କ ଭିଡ ।

**ସମ୍ବଲପୁର, ୩୧।୧୦ (ବ୍ୟୁରୋ)**

## ସହଜ କେନ୍ଦ୍ରରେ ବି ଆବେଦନ ସୁବିଧା

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସ୍ୱନିଧି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ଏନଏସି ଓ ରେଢ଼ାଖୋଲ ଏନଏସିରେ ଆବେଦନ କରିବା ପାଇଁ କ୍ୟାମ୍ପ ଖୋଲିବା ସହ ସହଜ କେନ୍ଦ୍ରଗୁଡିକରେ ମଧ ଏହି ସୁବିଧା ଉପଲବ୍ଧ କରାଯାଇଛି । ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର ମହାନଗର ନିଗମରେ ୩ହଜାର ୮୮୯ ଜଣ ଉଠାଦୋକାନୀ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧରୁ ୧୪୩୧ ଜଣ ଋଣ ପାଇଁ ଆବେଦନ କରିଥିଲେ । ସେମାନଙ୍କ ମଧରୁ ୩୮୫ ଜଣଙ୍କ ଋଣ ମଞ୍ଜୁର ହୋଇଯାଇଥିବା ବେଳେ ୧୩୫ ଜଣଙ୍କୁ ଋଣ ପ୍ରଦାନ କରାଯାଇଛି । ସେହିପରି କୁଚିଣ୍ଡା ଏନଏସିରେ ୧୬୦ ଜଣ ଉଠା ଦୋକାନୀ ପ୍ରଶାସନ ପାଖରେ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧରୁ ୧୨୯ ଜଣ ଋଣ ପାଇଁ ଆବେଦନ କରିଛନ୍ତି । ୭୦ ଜଣଙ୍କ ଋଣ ମଞ୍ଜୁର ହୋଇଯାଇଥିବା ବେଳେ ୪ଜଣଙ୍କୁ ଋଣ ପ୍ରଦାନ କରାଯାଇଛି । ସେହିପରି ରେଢ଼ାଖୋଲ ଏନଏସିରେ ୫୦ଜଣ ଉଠା ଦୋକାନୀ ପଞ୍ଜିକୃତ ହୋଇଛନ୍ତି । ୩୪ ଜଣଙ୍କ ଋଣ ମଞ୍ଜୁର ହୋଇଯାଇଥିବା ବେଳେ ଏ ପର୍ଯ୍ୟନ୍ତ କାହାକୁ ପ୍ରଦାନ କରାଯାଇନାହିଁ । ସୂଚନାଯୋଗ୍ୟ, ଉଠା ଦୋକାନୀଙ୍କୁ କେନ୍ଦ୍ର ସରକାର ସ୍ୱନିଧି ଯୋଜନାରେ ସାମିଲ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ଏଥିରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ । ସେମାନେ ସେହି ଅର୍ଥକୁ ବ୍ୟବସାୟରେ ଲଗାଇ ୧ବର୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରତିଶୋଧ କରିପାରିବେ । ୨୦୨୦ ମାର୍ଚ୍ଚ ୨୫ ଲକ୍‌ଡାଉନ ପୂର୍ବରୁ ଯେଉଁମାନେ ପଞ୍ଜିକୃତ ହୋଇଥିବେ ସେମାନେ ଏହି ଯୋଜନାରେ ଲାଭ ଉଠାଇ ପାରିବେ ।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

# ନିଆଁ ଲାଗି ଧାନଖଳା, ପୁଆଳ ନଷ୍ଟ

**ଖଡିଆଳ, ୩୧।୧୦ (ଡି.ଏନ.ଏ)**

ନୂଆପଡା ଜିଲା ଖଡିଆଳ ବ୍ଲକ ନେହେନା ପଞ୍ଚାୟତ ତୋରଲି ଗ୍ରାମର ଚାଷୀ ନୀଳାମ୍ବର ବାଗଙ୍କ ଖଳାରେ ଶନିବାର ସକାଳ ୧୧ଟା ସମୟରେ ହଠାତ ନିଆଁ ଲାଗିଯିବାରୁ ୧୦୦ ଟ୍ରିପ୍‌ରୁ ଅଧିକ ଧାନଖଳା ଓ ପୁଆଳ ପୋଡି ପାଉଁଶ ହୋଇଯାଇଛି । ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ଖଡିଆଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀମାନେ ୨ ଘଣ୍ଟା ଧରି ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅମଳ ହୋଇଥିବା ଧାନ ଅଗ୍ନିକାଣ୍ଡରେ କ୍ଷତି ହୋଇନାହିଁ ।

# ମୃତ୍ୟୁ ପରେ ଶରୀର ଦାନ

**ସମ୍ବଲପୁର, ୩୧।୧୦ (ବ୍ୟୁରୋ)**

## ଇଚ୍ଛାପତ୍ରରେ ସ୍ୱାକ୍ଷର କଲେ ଦମ୍ପତି

ମୃତ୍ୟୁପରେ ଶରୀର ଦାନ କରିବାକୁ ଇଚ୍ଛାପତ୍ରରେ ସ୍ୱାକ୍ଷର କରିଛନ୍ତି ଦମ୍ପତି । ସମ୍ବଲପୁର ମୁଦିପଡା ବୁଲେଟ ବ୍ୟାୟାମ ନିକଟସ୍ଥ ବାସିନ୍ଦା ଶିକ୍ଷାବିତ୍ ବିନୋଦ ବିହାରୀ ପତି ଓ ତାଙ୍କ ସହଧର୍ମିଣୀ କଳ୍ପନା ପତି ଉତ୍ସର୍ଗ ମାଧ୍ୟମରେ ଆଇନଗତ ଇଚ୍ଛାପତ୍ରରେ ଶରୀର ଦାନ କରିବାକୁ ସ୍ୱାକ୍ଷର କରିଛନ୍ତି। ଆଇନଗତ ଇଚ୍ଛାପତ୍ରକୁ ବିନୋଦଙ୍କ କନିଷ୍ଠ ପୁଅ ଶାଶ୍ୱତ ରଞ୍ଜନ, ବୋହୂ ସ୍ମିତା, ରଶ୍ମିରେଖା ଉତ୍ସର୍ଗର ଆଇନ ପରାମର୍ଶଦାତା ଲକ୍ଷ୍ମଣ ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ଡ. ବିଜୟ ପ୍ରଧାନ, ସଂଯୋଜକ ପ୍ରଶାନ୍ତ ପାଟଯୋଶୀ, ରୁଦ୍ରନାରାୟଣ ମିଶ୍ର, ଲୋକନାଥ ପାଣ୍ଡେଙ୍କୁ ପ୍ରଦାନ କରିଛନ୍ତି।



ଇଚ୍ଛାପତ୍ରରେ ସ୍ୱାକ୍ଷର କରିଥିବା ଦମ୍ପତିଙ୍କ ସହ ଉତ୍ସର୍ଗ କର୍ମକର୍ତ୍ତାମାନେ ।

# ପାଣି କଷ୍ଟ ଭୋଗୁଛନ୍ତି ୩୨ ପରିବାର

**ନାକଟିଦେଉଳ,୩୧।୧୦(ଡ଼ି.ଏନ.ଏ.)**



ପାଣି ପାଇଁ ହନ୍ତସନ୍ତ ହେଉଥିବା ତେନ୍ତୁଳିସାହି ବାସିନ୍ଦା ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମପଞ୍ଚାୟତ ତେନ୍ତୁଳିସାହିର ଜନସାଧାରଣ ଦୀର୍ଘଦିନ ହେଲା ବିଶୁଦ୍ଧ ପାନୀୟ ଜଳ ଓ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ସାହିରେ ନଳକୂପ ଥିଲେ ମଧ୍ୟ ଶୁଦ୍ଧ ପାନୀୟ ଜଳ ବାହାରୁ ନାହିଁ। ସେହିପରି ସାହିରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଲୋକେ ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ, ତେନ୍ତୁଳିସାହିରେ ୩୨ଟି ପରିବାର ପାଇଁ ୩ଟି ନଳକୂପ ରହିଛି। ସେଥିମଧ୍ୟରୁ ୨ଟି ଅକାମୀ ହୋଇ ହୋଇଥିବା ବେଳେ ଗୋଟିଏ ମାତ୍ର ନଳକୂପ ସଚଳ ଅବସ୍ଥାରେ ରହିଛି। କିନ୍ତୁ ଏହି ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଆବଶ୍ୟକ ନଳକୂପ ନ ଥିବା ଏବଂ ବିଶୁଦ୍ଧ ପିଇବା ପାଣି ବାହାରୁ ନ ଥିବାରୁ ଖରାଦିନେ ଏଠାକାର ଜନସାଧାରଣ ପାନୀୟ ଜଳ ପାଇଁ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ତେନ୍ତୁଳିସାହିରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ୨ମାସ ହେବ ପୋଡ଼ି ଯାଇଛି। ଫଳରେ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି । ବର୍ତ୍ତମାନ ଧାନ ଫସଲ ଯୋଗୁ ହାତୀ, ବାର୍‌ହା ଆଦି ବନ୍ୟଜନ୍ତୁଙ୍କ ଉପଦ୍ରବ ରହୁଥିବାରୁ ବିଦ୍ୟୁତ ବିନା ଏଠାକାର ଲୋକେ ରାତ୍ରି ସମୟରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଆଜିଯାଏ ଏହାର ସମାଧାନ ହୋଇପାରିନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ହିମାଂଶୁ କୁମାର ବେହେରାଙ୍କୁ ପଚରାଯିବାରୁ ସେ କହିଲେ, ଗତ କିଛିଦିନ ହେଲା ଏଠାରେ ନୂତନ ଭାବେ ଯୋଗ ଦେଇଛନ୍ତି । ତାଙ୍କ ନିକଟରେ ଏ ନେଇ କିଛି ଅଭିଯୋଗ ନାହିଁ। ଯଦି ପାନୀୟ ଜଳ ସମସ୍ୟା ଦେଖାଦେଇଛି ତେବେ ଶୀଘ୍ର ପଦକ୍ଷେପ ନିଆଯିବ। ଇତିମଧରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଏସ୍‌ଇଏମ୍ ମାନଙ୍କୁ ପାନୀୟ ଜଳର ଗୁଣବତ୍ତା ପରୀକ୍ଷା ପାଇଁ ତାଲିମ ପ୍ରଦାନ କରାଯାଇଛି। ଆସନ୍ତା ୧ତାରିଖରୁ ସେମାନେ ପ୍ରତି ଗ୍ରାମରେ ଥିବା ନଳକୂପ ପାଣିର ଗୁଣବତ୍ତା ପରୀକ୍ଷା କରି ରିପୋର୍ଟ ଦେବେ ବୋଲି ବେହେରା ପ୍ରକାଶ କରିଥିଲେ ।

## ନଳକୂପ ଅଚଳ, ଟ୍ରାନ୍ସଫର୍ମର ପୋଡିଯାଇଛି

## ରାଷ୍ଟ୍ରୀୟ ଏକତା ଦିବସ

ସମ୍ବଲପୁର, (ବ୍ୟୁରୋ)- ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଜୟନ୍ତୀ ଶନିବାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନଏସସିବି) କଲେଜ ପରିସରରେ ପାଳିତ ହୋଇଯାଇଛି । ଏନଏସଏସ ଶାଖା ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରିଥିଲେ । ଏନଏସଏସ ପ୍ରୋଗ୍ରାମ କୋଡିନେଟର ଡ. ବିଶ୍ୱମୋହନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବ୍ରିଜ୍ ପାଲଟିଛି ଡେଥ୍ ଜୋନ୍

**ସୋନପୁର,୩୧।୧୦(ନି.ପ୍ର.)**



ମହାନଦୀ ବ୍ରିଜ୍ ଉପରେ ଗାଇ ଗୋରୁ।

ସୁବର୍ଣ୍ଣପୁର ସହରର ମୁଖ୍ୟରାସ୍ତା ଏବେ ବୁଲା ଗାଇଗୋରୁଙ୍କ ଆବାସସ୍ଥଳ ପାଲଟିଛି । ପ୍ରମୁଖ ରାସ୍ତା ଉପରେ ଗାଇଗୋଠ ଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏଥିଯୋଗୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି । ସହରର ଉଭୟ ପାର୍ଶ୍ୱରେ ରହିଛି ମହାନଦୀ ଓ ତେଲନଦୀ ବ୍ରିଜ୍ । ଏହି ଦୁଇ ବ୍ରିଜ୍ ଉପରେ ଶତାଧିକ ବୁଲା ଗୋରୁ ଦିନ ରାତି ରହୁଛନ୍ତି। ଗମନାଗମନର ମୁଖ୍ୟ ମାଧ୍ୟମ ଏହି ବ୍ରିଜ୍ ଦ୍ୱୟ ଏବେ ଲୋକଙ୍କ ପାଇଁ ଡେଥ୍ ଜୋନ ପାଲଟିଛି । ଦୁର୍ଘଟଣାରେ ମଣିଷ ଓ ଗୋରୁ ଉଭୟ ଖଣ୍ଡିଆ ଖାବରା ହେଉଛନ୍ତି । ମୂଲ୍ୟବାନ ଜୀବନ ମଧ୍ୟ ଯାଉଛି । ସହରର ମୁଖ୍ୟ ଓ ଗଳି ରାସ୍ତାରେ ଦଳଦଳ ଗାଇଗୋରୁ ଅଧିକାଂଶ ସମୟରେ ବୁଲୁଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଘା ନାହିଁ । ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଅଧିକାଂଶ ଗୋରୁମାଲିକ କ୍ଷୀର ଦୁହିଁ ସାରିଲା ପରେ ସେମାନଙ୍କୁ ରାସ୍ତାରେ ଛାଡି ଦେଉଛନ୍ତି । ସୁବର୍ଣ୍ଣପୁର ପୌରପାଳିକାରେ କାଞ୍ଜିଆହୁଦା ନ ଥିବା ଓ ଜିଲାରେ ଗୋଟିଏ ବି ଗୋଶାଳା ନ ଥିବାରୁ ବୁଲା ଗୋରୁଙ୍କୁ ରଖିବା ସମ୍ଭବ ହେଉନି । ରାସ୍ତାରେ ଗାଇଗୋରୁଙ୍କ ଅବାଧ ବିଚରଣ ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଜନଗହଳିପୂର୍ଣ୍ଣ ରାସ୍ତା ହେଉ କି ବଜାର ସବୁଠି ରାସ୍ତା ଉପରେ ବୁଲା ଗାଇଗୋରୁ ଶୋଇ ରହୁଛନ୍ତି । ହର୍ଣ୍ଣ ମାରିଲେ ବି ରାସ୍ତାରୁ ଘୁଞ୍ଚୁ ନାହାନ୍ତି। ଚାରିଚକିଆ ତ ଦୂରର କଥା ଦୁଇ ଚକିଆରେ ମଧ୍ୟ ଯାଇ ହେଉନି । ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥରେ ମଧ୍ୟ ସମାନ ଅବସ୍ଥା। ଲୋକେ ଅତିଷ୍ଠ ହେଲେଣି । ପୂର୍ବରୁ ସହରରେ ଥିବା କାଞ୍ଜିଆହୁଦାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ହେଉନି । ପ୍ରଶାସନ ଚେଇଁ ଶୋଇଥିବା ଅଭିଯୋଗ ହେଉଛି । ସହରବାସୀ ଗୋରୁ ରଖୁଛନ୍ତି, କିନ୍ତୁ ସେମାନଙ୍କ ଯତ୍ନ ନେଉ ନାହାନ୍ତି। ଅଧିକାଂଶଙ୍କ ଘରେ ଗୁହାଳ ନାହିଁ। ହେଲେ ପୌରପାଳିକା ପକ୍ଷରୁ ଏଭଳି ଗୋରୁ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି । ଗୋଚର ଜମିଗୁଡିକ ଏବେ ଜବରଦଖଲକାରୀଙ୍କ କବ୍ଜାରେ, ଆଉ କିଛି ଗୋଚର ଜମିରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଛି । ଖାଲି ପଡିଥିବା ସ୍ଥାନରେ ଘର ନିର୍ମାଣ ହେଲାଣି । ଗୋରୁଙ୍କ ପାଇଁ ଖାଦ୍ୟାଭାବ ସୃଷ୍ଟି ହୋଇଛି । ତେଣୁ ପୁରୀ ସହର ଭଳି ମନ୍ଦିର ମାଳିନୀ ସୋନପୁର ସହରରେ ବୁଲା ଗାଇଗୋରୁଙ୍କୁ ସରକାର ଗୋଶାଳାରେ ରଖିବାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

## ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ଲାଠୋର,୩୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ପତ୍ରାପାଲି ଗ୍ରାମର ସୁରୁସିଂ ଶଗଡିଆ (୩୬)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ରନ୍ଧା ଘରୁ ପୋଲିସ ଶନିବାର ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି । ପ୍ରକାଶ ଯେ, ସୁରୁସିଂଙ୍କ ସ୍ତ୍ରୀ ସୁଜାତା କୌଣସି କାରଣବଶତଃ ଶୁକ୍ରବାର ରାତିରେ ସମ୍ପର୍କୀୟ ପୁତୁରା କୈଶପ ଶଗଡିଆଙ୍କ ଘରକୁ ଶୋଇବା ପାଇଁ ଯାଇଥିଲେ। ସକାଳ ହେବାରୁ ଉଠି ସେ ନିଜ ଘରକୁ ଯାଇ ଦେଖିଲେ ଯେ ରନ୍ଧା ଘରେ ଏକ ପାଟିରେ ସ୍ୱାମୀଙ୍କ ମୃତଦେହ ଝୁଲୁଛି। ଏହାଦେଖି ସେ ସଙ୍ଗେ ସଙ୍ଗେ ପୁତୁରାଙ୍କୁ ସୂଚନା ଦେଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ଭିଡ ଜମାଇଥିଲେ । ଏ ନେଇ ପୁତୁରା କୈଶପ ଲାଠୋର ଥାନାରେ ଏତଲା ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ବଲାଙ୍ଗୀରରୁ ଡା.ପି.କେ ମଲ୍ଲିକଙ୍କ ସହ ଏକ ତିନିଜଣିଆ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁସନ୍ଧାନ କରି ଫେରିଥିବା ଜଣାପଡିଛି। ଲାଠୋର ଥାନାରେ ନଂ ୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସନ୍ଧ୍ୟାରେ ମୃତଦେହକୁ ଖପ୍ରାଖୋଲ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଲାଠୋର ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷେ ଶୁକ୍ରବାର ରାତିରେ ଗ୍ରାମର ଦୁଇ ଜଣ ବ୍ୟକ୍ତି ତାଙ୍କ ସ୍ୱାମୀଙ୍କୁ ମାରପିଟ କରିଥିବା ସୁଜାତା ଅଭିଯୋଗ କରିଛନ୍ତି। ସେମାନେ ତାଙ୍କୁ ହତ୍ୟା କରି ଥାଇପାରନ୍ତି ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ସୁଜାତା ଦାବି କରିଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ମୀନଗରରେ ଗଜଲକ୍ଷ୍ମୀପୂଜା



**ଉଲୁଣ୍ଡା, ୩୧।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଲକ୍ଷ୍ମୀନଗରଠାରେ କରୋନା କଟକଣା ଭିତରେ ଶୁକ୍ରବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଆୟୋଜକ ଅନୁଷ୍ଠାନର ସଭାପତି ଶ୍ରବଣ ପୁରୋହିତଙ୍କ ତତ୍ତ୍ୱାବଧାନରେ ଗୁରୁବାର ସନ୍ଧ୍ୟାରେ ପୂଜାମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଶୁକ୍ରବାର ପୂଜା ମଣ୍ଡପରେ ନରେନ୍ଦ୍ର ପାଣିଗ୍ରାହୀ ଏବଂ ସରସ୍ୱତୀ ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଲୋକନାଥ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ କରୋନା କଟକଣା ପାଇଁ ଚଳିତବର୍ଷ କେବଳ ନୀତିକାନ୍ତି କରାଯାଉଥିବା ଦେଖାଯାଇଛି।

### ଗାଡ଼ି ଭଙ୍ଗାରୁଜା ଘଟଣାରେ ୫ କୋର୍ଟ ଚାଲାଣ

**ଭବାନୀପାଟଣା, ୩୧।୧୦ (ଡି.ଏନ୍.ଏ.):** ଭବାନୀପାଟଣା ଜେଲଖାନା ଛକ ନିକଟରେ ଗାଡି ଭଙ୍ଗାରୁଜା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଟାଙ୍ଗଗୁଡାର ସୁନୀଲ ସାହୁ (୧୮), ଆଶା ସାଗରପଡା ସନ୍ତୋଷ ନାଏକ (୧୮) ସାହିନଗରର ଆନନ୍ଦ ଶବର (୧୮) ଓ ବିଷ୍ଣୁ ଦେବ ପଟେଲ (୧୮) ଏବଂ କାଳୀମନ୍ଦିର ପଡାର ଅର୍ଜୁନ ବାଗ (୧୮) ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି । ଅନ୍ୟ ୩ ନାବାଳକଙ୍କୁ ପୋଲିସ ଅଟକ ରଖିଥିଲା। ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଛି। ଗତ ୨୫ ତାରିଖରେ ସହରର ବ୍ୟବସାୟୀ ଅଜୟ ଜୈନ ସପରିବାର ଏକ କାର୍ (ନଂ.ଓଆର୍ ୦୮ କେ ୩୮୮୮)ରେ ଥୁଆମୂଳ ରାମପୁର ରାସ୍ତାରେ ଭବାନୀପାଟଣା ଆସୁଥିଲେ । ଏକ ସାମାନ୍ୟ ଦୁର୍ଘଟଣାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ କାର୍‌କୁ ଅଟକାଇ ଗାଳିଗୁଲଜ କରିବା ସହିତ ଗାଡି ଭଙ୍ଗାରୁଜା କରି ଫେରାର ହୋଇ ଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ସମସ୍ତଙ୍କୁ ଗିରଫ କରିଥିଲା ।

### ଭାଲୁ ଆକ୍ରମଣରେ ଚାଷୀ ଆହତ

**ହରଭଙ୍ଗା,୩୧।୧୦(ଡି.ଏନ.ଏ.):** ହରଭଙ୍ଗା ବ୍ଲକ ମାଧପୁର ରେଞ୍ଜର ତଳଗାଁ ପଞ୍ଚାୟତ ଡାକପଦର ଗ୍ରାମର ଜଣେ ଚାଷୀ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ଆହତ ଚାଷୀ ହେଲେ ଚନ୍ଦ୍ରେଶ୍ୱର ଜାନି (୫୦) । ସେ ଶୁକ୍ରବାର ଜଙ୍ଗଲ ନିକଟ ଚାଷ ଜମିକୁ ଫସଲ ଜଗିବାକୁ ଯାଇଥିବା ବେଳେ ବିଳମ୍ବିତ ରାତିରେ ଭାଲୁ ଆକ୍ରମଣ କରିଥିଲା । ଏହି ଅଞ୍ଚଳରେ ବାର୍‌ହା ଉପଦ୍ରବ ଲାଗି ରହିଛି ।

### କରୋନାରେ ଡା.ବିଶ୍ୱନାଥ ରାଉତଙ୍କ ପରଲୋକ

**ବୌଦ୍ଧ,୩୧।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ବିଶ୍ୱନାଥ ରାଉତ(୪୦)ଙ୍କ ଶୁକ୍ରବାର ରାତିରେ ହାଇଦ୍ରାବାଦସ୍ଥିତ ଏକ ମେଡିକାଲରେ ପରଲୋକ ଘଟିଛି । ସ୍ୱର୍ଗତ ରାଉତ ବୌଦ୍ଧ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିଲେ । ଗତ ଅଗଷ୍ଟ ମାସରୁ ରାଉତ ନିଜେ କରୋନା ରୋଗରେ ସଂକ୍ରମିତ ହୋଇଥିଲେ । ବୌଦ୍ଧରେ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ ହାଇଦ୍ରାବାଦର ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଶନିବାର ତାଙ୍କ ମରଶରୀର ନିଜ ଗ୍ରାମ ଅନୁଗୋଳ ଜିଲା ତାଳଚେରର ତାଳଗଡ ଗ୍ରାମରେ ପହଞ୍ଚିବା ପରେ ବୌଦ୍ଧ ଜିଲାପାଳ ଲଳାଟେନ୍ଦୁ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ ଓ ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗର ବହୁ ଡାକ୍ତର, କର୍ମଚାରୀ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥିଲା।

## ସୁବର୍ଣ୍ଣଭୂମି ଚଷା ସମାଜର ପ୍ରତିଷ୍ଠା ଦିବସ

**ଅମରପାଲି,୩୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର କଳାପଥରଠାରେ ସୁବର୍ଣ୍ଣଭୂମି ଚଷା ସମାଜର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଷା ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପ୍ରଥମ ନବ ଯାତ୍ରା ହୋଇଥିବା ବେଳେ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଶୁଭ ଦିଆଯାଇଛି । ଏଥିରେ ସୁବର୍ଣ୍ଣପୁର ସମେତ ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ (ଆଠମଲ୍ଲିକ), ସମ୍ବଲପୁର ଆଦି ଜିଲାର ଚଷା ସଂପ୍ରଦାୟର ଲୋକେ ଏକଜୁଟ ହୋଇଥିଲେ । ବିଶେଷ କରି ଆଗାମୀ ଦିନରେ ହେବାକୁ ଥିବା ଇଷ୍ଟଦେବୀଙ୍କ ମନ୍ଦିର,ଚଷା ସମାଜର ବିଭିନ୍ନ ପ୍ରକାର ଉନ୍ନତି ଓ କୁସଂସ୍କାର ଦୂରୀଭୂତ ପାଇଁ ଆଲୋଚନା ହୋଇଥିଲା । ସଭାରେ ଚଷା ସମାଜର ପଦ୍ମନାଭ ପଧାନ, ସଞ୍ଜୀବ କୁମାର ପଧାନ, ଆଇନଜୀବୀ ମଧୁସୂଦନ ପ୍ରଧାନ, ପୀତବାସ ପଧାନ, ସୁରେଶ ଦେହୁରୀ, ପୂର୍ଣ୍ଣନନ୍ଦ ପଧାନ, ସୁଧୀର ପ୍ରଧାନ, ବସନ୍ତ ସାହୁ, ଶ୍ରମିକ ନେତା ସରୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ଚଷା ସମାଜର ଆଭିମୁଖ୍ୟ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଟ୍ରଷ୍ଟର ମୁଖ୍ୟଟ୍ରଷ୍ଟି ରୂପେ ସଞ୍ଜୀବ ପଧାନ ଓ ଅନ୍ୟାନ୍ୟ ଟ୍ରଷ୍ଟି ରୂପେ ପଦ୍ମନାଭ ପଧାନ, ମଧୁସୂଦନ ପଧାନ, ଅରୁଣ ପଧାନ, ବେଣୁଧର ପଧାନଙ୍କୁ ତିନି ବର୍ଷ ପାଇଁ କାର୍ଯ୍ୟକର୍ତ୍ତା ଭାବେ ମନୋନୀତ କରାଯାଇଛି । ନୂତନ ମନ୍ଦିର ପରିଚାଳନା ପାଇଁ ମଧୁ ପଧାନଙ୍କୁ ଅଧକ୍ଷ ଓ ଅନ୍ୟ ୬ଜଣଙ୍କୁ ସଭ୍ୟ ଭାବେ ଚୟନ କରାଯାଇଛି। ପାଣ୍ଠି ସଂଗ୍ରହ ପାଇଁ ଅରୁଣ ପଧାନ, ଅଲେଖ ପଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାସହିତ ଚଡେଇପଙ୍କ, ଖେମାଲୋଏ ଓ ଉଲୁଣ୍ଡା ଜଉଁରାଭଉଁରା ପାଇଁ ସୁରେଶ ଦେହୁରୀ, ମୁର୍ଛୁଣ୍ଡୀ, ଲୁତୁରପଙ୍କ, କେଞ୍ଜିରିଆପାଲି ପାଇଁ ଗୁଣାକାର, ଖଣ୍ଡହତା ପାଇଁ ବିଦ୍ୟାଧର ପଧାନ, ବହଳପଦର ପଞ୍ଚାୟତ ପାଇଁ ବସନ୍ତ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । ମନ୍ଦିର ପୂଜା ନିମନ୍ତେ ଅଲେଖ ପଧାନ, ରୁପୁନ ପଧାନଙ୍କୁ ଦାୟିତ୍ୱ ଦିଆଯାଇଛି ।

## ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲ ବିକ୍ରି ଅଭିଯୋଗ

**ଲୋଇସିଂହା,୩୧।୧୦(ଡି.ଏନ.ଏ.)**

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ଲୋଇସିଂହାସ୍ଥିତ ଏକ ପେଟ୍ରୋଲ ପମ୍ପରେ ଅପମିଶ୍ରିତ ଡିଜେଲ ବିକ୍ରି ହେଉଥିବା ସ୍ଥାନୀୟ ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି । ବଲାଙ୍ଗୀର ସହର କଲେଜ ଛକର ବାସିନ୍ଦା ସୁରଜ ସିଂହାନିୟା (୩୫) ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ସେ ନ୍ୟାୟ ମାଗିବା ସହ ଅପମିଶ୍ରଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର କଲେଜ ଛକ ଅଞ୍ଚଳର ସୁରଜ ଗତ ୨୯ ତାରିଖ ଦିନ ନିଜ ଚାରିଚକିଆ ଗାଡି (ଓଡି ୦୩ଜି ୯୬୬୬)ରେ ସମ୍ବଲପୁର ଯାଇଥିଲେ । ରାତି ୧୨ଟାରେ ସେ ବଲାଙ୍ଗୀର ଫେରୁଥିବା ବାଟରେ ଉକ୍ତ ପେଟ୍ରୋଲ ପମ୍ପରେ ୫ଶହ ଟଙ୍କାର ଡିଜେଲ ପକାଇଥିଲେ। ସେଠାରୁ କିଛି ବାଟ ଗଲା ପରେ ହଠାତ ଗାଡି ବନ୍ଦ ହୋଇ ଆଉ ଆଗକୁ ଗଡି ନ ଥିଲା । ରାତି ସମୟରେ ସେ ଉପାୟଶୂନ୍ୟ ହୋଇ ପଡିଥିଲେ । ଅନ୍ୟ ଏକ ଗାଡି ମଗାଇ ତାଙ୍କ ଗାଡିକୁ ଭିଡିକି ବଲାଙ୍ଗୀରର ଏକ ସୋରୁମକୁ ସଜାଡିବା ପାଇଁ ନେଇ ଯାଇଥିଲେ । ପରଦିନ ମେକାନିକ ଦେଖିବାରୁ ଅପମିଶ୍ରିତ ଡିଜେଲ ଯୋଗୁ ଗାଡି ଅଚଳ ହୋଇ ପଡିଥିବା କହିଥିଲେ। ଏହାପରେ ସେ ଲୋଇସିଂହା ଥାନାକୁ ଆସି ଘଟଣା ନେଇ ଲିଖିତ ଅଭିଯୋଗ କରିଥିଲେ । ଶୁକ୍ରବାର ସନ୍ଧ୍ୟାରେ ପୋଲିସର ନିର୍ଦ୍ଦେଶରେ ଉକ୍ତ ପମ୍ପରୁ ଏକ ୫ ଲିଟରିଆ ଜାରରେ ଡିଜେଲ ଥାନାକୁ ଅଣାଯାଇଥିଲା। ସେଥିରୁ କିରୋସିନ ଦୁର୍ଗନ୍ଧ ଆସୁଥିବାରୁ ପୋଲିସ ଅଭିଯୋଗକୁ ଗ୍ରହଣ କରିଥିବା ଅଭିଯୋଗକାରୀ ସୁରଜ ଜଣାଇଛନ୍ତି। ଶନିବାର ଉଭୟ ପକ୍ଷକୁ ଥାନାକୁ ଆଲୋଚନା ପାଇଁ ଡକାଯାଇଥିଲେ ହେଁ ଖବର ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ହୋଇ ପାରିନାହିଁ । ଲୋଇସିଂହା ଥାନା ଏସଆଇ ନବୀନ ଭୋଇ ଅପମିଶ୍ରଣ ନେଇ ଅଭିଯୋଗ ହୋଇଥିବା କହିଛନ୍ତି ।

## ନୂତନ କୃଷି ଆଇନକୁ ବୌଦ୍ଧ କଂଗ୍ରେସ ପକ୍ଷରୁ ବିରୋଧ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନରତ କଂଗ୍ରେସ ନେତୃବୃନ୍ଦ ଓ ଅନ୍ୟମାନେ।

**ବୌଦ୍ଧ,୩୧।୧୦(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇ ନୂତନ କୃଷି ଆଇନ ଗରିବ ଚାଷୀ ବିରୋଧୀ ହୋଇଥିବା ବେଳେ ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ତୁରନ୍ତ ଏହାକୁ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, ପ୍ରଦୀପ ଦାସ, ସମରେଶ ମିଶ୍ର, ଗଣେଶ ଅଗ୍ରୱାଲା, ଜ୍ୟୋତିନ୍ଦ୍ର ସିହ୍ନା, ସୁଧୀର ମହାକୁଡ, ପ୍ରଶାନ୍ତ କୁମାର ସାହୁ, ପଙ୍କଜ କର୍ଣ୍ଣ, ଜାମିନି ମୁଖୀ,ଅର୍ଜୁନ ମହାନନ୍ଦ,ସତ୍ୟଭାମା ମେହେର, ମଦନ ପୃଷ୍ଟି, ତାରିଣୀ ଜେନା, କାହ୍ନୁ ଚରଣ ନାଥ, ଉଦ୍ଧବ ବେହେରା, ସୁବାଷ ବେହେରା, ପୋଲସ୍ତି ପ୍ରଧାନ, ଶିବ ବେହେରା, ପଙ୍କଜ ମେହେର, ଗୁରୁ ଦଲାଇ ଓ ଧନମାନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## କଂଗ୍ରେସର ଗଣଧାରଣା




କଂଗ୍ରେସ କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି ।

**ଭବାନୀପାଟଣା, ୩୧।୧୦(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ନୀତିକୁ ବିରୋଧ କରି ଶନିବାର ଜିଲା କଂଗ୍ରେସ କମିଟି ତରଫରୁ କଳାହାଣ୍ଡି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା । ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଦେବୀ ପ୍ରସାଦ ସିନ୍ଧୁର, ଉଚ୍ଛବ ସାହୁ, ଦେଶରାଜ ଜୁଆଡ, ସିଦ୍ଧାର୍ଥ ନାୟକ, ସରୋଜ ବାଗ, ସାଗର ଦାସ, ମହମ୍ମଦ ମହସିନ୍, ସୁକାନ୍ତ ପ୍ରଧାନୀ, ପରମାନନ୍ଦ ମାଝି, ସାଗର ପଟ୍ଟନାୟକ, ତ୍ରିଲୋଚନ ପାଣିଗ୍ରାହୀ, ଦ୍ରୌପଦୀ ମାଝି, ପ୍ରତିମା ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ଚେତାବନୀ

**ଲୋଇସିଂହା,୩୧।୧୦(ଡି.ଏନ.ଏ.)**

**କୁଟାସିଂହା ପଞ୍ଚାୟତରେ ତାଲା ପଡିବା ଘଟଣା**

**■ପୋଲିସ ମଧ୍ୟସ୍ଥତାରେ ଆଲୋଚନା**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗରିପାଲି ଗାଁର ଖେଳପଡିଆ ଉନ୍ନତୀକରଣ ନାଁରେ ଟଙ୍କା ଆତ୍ମସାତ ହେବା ଅଭିଯୋଗ କରି ଉକ୍ତ ଗ୍ରାମର ଯୁବକମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୨୨ ଦିନ ଧରି ଆନ୍ଦୋଳନ ଚଳାଇଥିଲେ । ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ ପ୍ରଶାସନ ଠାରୁ ଲିଖିତ ପ୍ରତିଶ୍ରୁତି ପାଇ ଆନ୍ଦୋଳନକାରୀ ଧାରଣାରୁ ଓହରିଥିଲେ । ଅପରପକ୍ଷେ ଶୁକ୍ରବାର ସନ୍ଧ୍ୟାରେ ସରପଞ୍ଚ ଓ ଡୁଙ୍ଗରିପାଲି ଗ୍ରାମବାସୀଙ୍କୁ ନେଇ ବିବାଦର ସମାଧାନ ପାଇଁ ସାଲେଭଟା ଫାଣ୍ଡି ପରିସରରେ ଆଲୋଚନା ହୋଇଥିଲା । ଏହି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଖେଳପଡିଆ ଉନ୍ନତୀକରଣ ନ କରି ଦେଢ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଡୁଙ୍ଗରିପାଲି ଗ୍ରାମବାସୀ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଗାଁର ଯୁବକ୍ରୀଡା ପ୍ରେମୀ ଓ ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ମାସେ ପରେ ମଧ୍ୟ ତଦନ୍ତର କୌଣସି ଅଗ୍ରଗତି ହୋଇ ନ ଥିଲା । ଶେଷରେ ଭାଜପା ମଣ୍ଡଳ ସଭାପତି ପୀତାମ୍ବର କଣ୍ଟାଙ୍କ ନେତୃତ୍ୱରେ ଗ୍ରାମର ଯୁବକ୍ରୀଡାପ୍ରେମୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ବନ୍ଦ କରି ଧାରଣା ଦେଇଥିଲେ । ୨୨ ଦିନ ପରେ ଗତ ଗୁରୁବାର ଲୋଇସିଂହା ପୋଲିସ ଓ ବିଡିଓ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ପୋଲିସ ଉପସ୍ଥିତିରେ ପିଇଓ ବରୁଣ ଥନାପତି ଚାବି ଗ୍ରହଣ କରିଥିଲେ । ହେଲେ ଘଟଣା ସ୍ଥଳରେ ସରପଞ୍ଚଙ୍କ ଅନୁପସ୍ଥିତିକୁ ନେଇ ଆନ୍ଦୋଳନକାରୀ ଦ୍ୱନ୍ଦ୍ୱରେ ପଡି ଯାଇଥିଲେ । ଶୁକ୍ରବାର ସରପଞ୍ଚ ଓ ଗ୍ରାମବାସୀଙ୍କୁ ଆଇଆଇସି ଲଳିତା ଲାକ୍ରା ଫାଣ୍ଡିକୁ ଡାକି ଏ ନେଇ ଆଲୋଚନା କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଉନ୍ନୟନ କାର୍ଯ୍ୟକୁ ଆଗେଇ ନିଆଯିବ ବୋଲି ସରପଞ୍ଚଙ୍କ ପକ୍ଷରୁ ତାଙ୍କ ପ୍ରତିନିଧି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି । ତେବେ ଯଥାଶୀଘ୍ର ଏହାର ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଲୋଇସିଂହା, ୩୧।୧୦(ଡି.ଏନ.ଏ)**

ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଲୋଇସିଂହା ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାଜପା କର୍ମୀମାନେ ଲୋଇସିଂହା ରାମମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରି ନୂଆପଡା ଦେଇ ଷ୍ଟାଡିୟମଠାରେ ପହଞ୍ଚିଥିଲେ। ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କର୍ମୀମାନେ ସନ୍ଦେଶ ଦେଇଥିଲେ । ମଣ୍ଡଳ ସଭାପତି ସରୋଜସାହୁ, କିଶୋର ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ସୁରେଶ ମହାଲିଙ୍ଗଙ୍କ ସମେତ ବହୁକର୍ମୀ ସାମିଲ ହୋଇଥିଲେ।

## ସ୍ମରଣିକା ସ୍ୱର୍ଗାସନୀ-୨୦୨୦ ଉନ୍ମୋଚିତ

**ତରଭା,୩୧।୧୦(ଡି.ଏନ.ଏ.)**

ତରଭା ବ୍ଲକ ଅନ୍ତର୍ଗତ ମହିମାପାଲିଠାରେ ଥିବା ଚୂଡାଖାଇ ପାହାଡକୁ ରାଜ୍ୟ ସରକାର ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି । ତରଭା ଅଞ୍ଚଳର ଜନସାଧାରଣଙ୍କ ଉପସ୍ଥିତିରେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହିତ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଚୂଡାଖାଇ ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଘୋଷଣା କରିଥିଲେ । ଏହି ଚୂଡାଖାଇ ଡଙ୍ଗର ଶୀର୍ଷରେ ପୁଡାପାଟ,ସିକେରପାଟ ଓ ସ୍ୱର୍ଗାସନୀ ଦେବୀ ପୂଜା ପାଉଛନ୍ତି। ମାନ୍ୟତା ପାଇବା ପରେ ପ୍ରଥମ ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବର ଏକବର୍ଷ ପୂର୍ତ୍ତି ଅବସରରେ 'ସ୍ମରଣିକା ସ୍ୱର୍ଗାସନୀ-୨୦୨୦' ଚୂଡାଖାଇ ଡଙ୍ଗର ଉନ୍ନୟନ କମିଟି ତରଫରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଦ୍ୱାରା ତାଙ୍କ ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରାଯାଇଥିଲା । ଏଥିରେ ସ୍ମରଣିକାର ମୁଖ୍ୟ ସଂପାଦକ ଉପଜିଲାପାଳ ତଥା ତତ୍କାଳୀନ ତରଭା ବିଡିଓ ନିହାର ରଞ୍ଜନ କହଁର,ଡଙ୍ଗର ଉନ୍ନୟନ କମିଟି ସଭାପତି ଦଶରଥ ସାହୁ,ସଂପାଦକ ମଣ୍ଡଳୀ ସଦସ୍ୟ ରାଜେଶ ମେହେର,ଜୟପ୍ରକାଶ ନାରାୟଣ ସାହୁ ଉପସ୍ଥିତ ଥିଲେ ।

## ପରିବାର ଚଳାଉଛନ୍ତି ଦୁଇ ଭଉଣୀ

**ଜାମଟିକ୍ରା,୩୧।୧୦(ଡି.ଏନ.ଏ)**

**ଅଜଣା ରୋଗରେ ପୀଡ଼ିତ ମାଆ**




ଦୁଇ ଭଉଣୀ ଡୋଳେଶ୍ୱରୀ ଓ ସୁରେଶ୍ୱରୀ।

ଇନ୍ଦୁମତୀ ବସ୍ତିଆ(୫୫) । ଘର ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ପତ୍ରାପାଲି ଗ୍ରାମରେ । ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଏହି ମହିଳା ଜଣକ ଏବେ ଅଜଣା ରୋଗରେ ପୀଡିତ। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ସୁବିଧା ପାଇ ନ ପାରି ନିଜର ଭଙ୍ଗା କୁଡିଆରେ ଭାଗ୍ୟକୁ ଆଦରି ପଡି ରହିଛନ୍ତି । ଏପଟେ ପରିବାର ବୋଝ ଉଠାଇବା ପାଇଁ ଅଣ୍ଟା ଭିଡିଛନ୍ତି ତାଙ୍କର ଦୁଇ ନାବାଳିକା ଝିଅ । ଇନ୍ଦୁମତୀଙ୍କ ସ୍ୱାମୀ ଚୂଡାମଣି ବସ୍ତିଆ ଦୀର୍ଘ ବର୍ଷ ହେଲା ଘର ଛାଡି କୁଆଡେ ଚାଲି ଯାଇଛନ୍ତି । ତାଙ୍କର କୌଣସି ଖୋଜ ଖବର ନାହିଁ । ଫଳରେ ବହୁ କଷ୍ଟରେ ପିଲାଙ୍କୁ ଚଳାଇ ଆସୁଥିଲେ ସେ । ଏହାଭିତରେ ଇନ୍ଦୁମତୀ ନିଜର ବଡ ଝିଅ ଗୁଲାବତୀଙ୍କୁ ବାହା ଦେଇ ସାରିଛନ୍ତି । ଏବେ ତାଙ୍କ ପାଖରେ ଝିଅ ଡୋଳେଶ୍ୱରୀ (୧୯), ଝିଅ ସୁରେଶ୍ୱରୀ (୧୬) ଓ ଏକମାତ୍ର ପୁଅ ସଞ୍ଜୀବ (୧୦) ଅଛନ୍ତି । ଝିଅ ଡୋଳେଶ୍ୱରୀ ୨୦୧୬ରେ ମାଟ୍ରିକ ପରୀକ୍ଷାରେ ପାସ କରିଥିବା ବେଳେ ସାନ ଝିଅ ସୁରେଶ୍ୱରୀ ମଧ୍ୟ ଚଳିତବର୍ଷ ମାଟ୍ରିକ ପାସ କରିଛନ୍ତି । ହେଲେ ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଦୁଇ ଭଉଣୀ କଲେଜରେ ନାମ ଲେଖାଇ ପାରିଲେ ନାହିଁ । ସଞ୍ଜୀବ ଏବେ ସପ୍ତମ ପଢୁଛନ୍ତି। ତାଙ୍କୁ ପାଠ ପଢାଇବାରେ ବି ଅର୍ଥ ସାଜିଛି ବାଧକ । ଫଳରେ ଇନ୍ଦୁମତୀଙ୍କ ଦୁଇ ଝିଅ ଡୋଳେଶ୍ୱରୀ ଓ ସୁରେଶ୍ୱରୀ ଏବେ ମୂଲ ଲାଗି ପରିବାର ଚଳାଉଛନ୍ତି। ଦିନକୁ ଦୁଇ ଓଳି ଖାଇବାକୁ ଦାନା ଯୋଗାଡ କରିବା ଦୁଇ ଭଉଣୀଙ୍କ ପାଇଁ କଷ୍ଟକର ହୋଇପଡୁଛି । ଅନ୍ୟପକ୍ଷରେ ଅଜଣା ରୋଗରେ ମା' ପୀଡିତ ହୋଇ ଘରର ଚଟାଣରେ ଶୋଇ ରହିଥିଲେ ହେଁ ତାଙ୍କୁ ସାହା ହେବା ପାଇଁ କେହି ନାହିଁ। ଭଙ୍ଗା କୁଡିଆ ସାଙ୍ଗକୁ ପଲିଥିନ ଟଣା ଘରେ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି ଇନ୍ଦୁମତୀଙ୍କ ପରିବାରର ୪ଜଣ ସଦସ୍ୟ । ସରକାରୀ ସହାୟତା କହିଲେ ମାତ୍ର ୩୫ କିଲୋ ଚାଉଳ ମିଳୁଛି। ଏହି ପରିବାର ପତ୍ରାପାଲି ମେଡିକାଲ ପରିସର ଭିତରେ ସରକାରୀ ଜାଗାରେ ରହୁଥିବାରୁ ସେମାନଙ୍କୁ ଘର ଛାଡିବା ପାଇଁ କୁହାଯାଉଛି । ଏବେ ଖାଇବା ଚିନ୍ତା ସାଙ୍ଗକୁ ସେପଟେ ରହିବା ପାଇଁ ଘରଟିଏ ନ ଥିବାରୁ ଦୁର୍ଦ୍ଦଶା ଦିନକୁ ଦିନ ବଢିଚାଲିଛି । ଏହି ପରିବାରକୁ ସରକାରୀ ସହାୟତା ସହ ପକ୍କା ଘର ଓ ଇନ୍ଦୁମତୀଙ୍କ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ପତ୍ରାପାଲି ଗ୍ରାମବାସୀ ଦାବି କରିଛନ୍ତି ।

